ଆଞ୍ଚଳିକ ଭବିଷ୍ୟନିଧି ପାଣ୍ଠି ଆୟୁକ୍ତ

ବନାମ

ଏସ୍. ଡି. ମହାବିଦ୍ୟାଳୟ, ହୋଶିୟାରପୁର ଏବଂ ଅନ୍ୟମାନେ

ଅକ୍ଟୋବର 28,1996

[କେ. ରାମସ୍ୱାମୀ ଏବଂ ଜି. ବି. ପଟ୍ଟନାୟକ, ନ୍ୟାୟାମୂର୍ତ୍ତିଦ୍ୱୟ ]

*କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ଏବଂ ବିବିଧ ବ୍ୟବସ୍ଥା ଅଧିନିୟମ 1952: ଧାରା 14-B - ଅଧିନିୟମର ବ୍ୟବସ୍ଥାଗୁଡ଼ିକର ଅନୁପାଳନ ନକରିବା -କ୍ଷତି ପାଇଁ କର ବସାଣ -ପାଣ୍ଠିରେ ଜମା କରାଯାଇନଥିବା ଯୋଗଦାନ ରାଶି-ଏହା ପରିବର୍ତ୍ତେ ବିଶ୍ୱବିଦ୍ୟାଳୟ ଖାତାରେ ରଖାଯାଇଥିଲା- ଜୋରିମାନା ଲାଗୁ କରାଯାଇଥିଲା- ଛାଡ଼ କରିବା- ଆୟୁକ୍ତଙ୍କୁ ଜୋରିମାନା ସମ୍ପୂର୍ଣ୍ଣ ରୂପେ ଛାଡ କରିବା ପାଇଁ କୌଣସି ବିବେଧିକାର ଦିଆଯାଇ ନାହିଁ-ଜୋରିମାନା ଗଣନା ହାର ସ୍ଥିର କରିବାର ବିବେଧିକାରୀତା - କ୍ଷତିର ୨୫% ଜୋରିମାନା ଭାବରେ ଗଣନା କରାଯାଇଛି -ଯେହେତୁ ପରିମାଣ ରାଶି 9% ସୁଧ ହାରରେ ସ୍ଥାୟୀ ଜମା ଜମା କରାଯାଇଥିଲା, ଅବଶିଷ୍ଟ ରାଶି ଛଅ ସପ୍ତାହ ମଧ୍ୟରେ ଜମା କରିବାକୁ ପଡିବ ।*

ଦେୱାନୀ ଆବେଦନ ଅଧିକାରିତା :ଦେୱାନୀ ଆବେଦନ ସଂଖ୍ୟା 14576-77/1996 ।

ଦେୱାନୀ ଆଜ୍ଞାଦେଶ ଆବେଦନ ସଂଖ୍ୟା 637 ଏବଂ 692 / 1995 ରେ ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟଙ୍କର 6.12.95 ତାରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀଙ୍କ *ତରଫରୁ ଆର୍. ଭେନୁଗୋପାଳ ରେଡ୍ଡୀ, ଟି. ସି. ଶର୍ମା ଏବଂ ସି. ଭି. ଏସ୍. ରାଓ ଆବେଦନ କରିଥିଲେ ।*

*ପଞ୍ଜାବ ବିଶ୍ୱବିଦ୍ୟାଳୟ* ପାଇଁ *ଇ. ଏସ. କେ.* ମେହେଟ୍ଟା, ଧ୍ରୁବ ମେହେଟ୍ଟା, ଫେଜଲିନ୍ ଅନମ ଏବଂ *ସୁଶ୍ରୀ ମୋନିକା ମେହେଟ୍ଟା* ଆବେଦନ କରିଥିଲେ ।

ଉତ୍ତରଦାତାମାନଙ୍କ ପାଇଁ *ରଣଧୀର ଜୈନ* ।

ନ୍ୟାୟାଳଙ୍କ ଦ୍ୱାରା ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ବିଳମ୍ବକୁ କ୍ଷମା କରିଦିଆଯାଇଛି ।

ଅନୁମତି ପ୍ରଦାନ କରାଗଲା ।

ଆମେ ଉଭୟ ପକ୍ଷର ବିଦ୍ୱାନ ଅଧିବକ୍ତାଙ୍କୁ ଶୁଣିଛୁ ।

ବିଶେଷ ଅନୁମତି ଆବେଦନ ସଂଖ୍ୟା 637 ଏବଂ 692 / 1995 ଦ୍ୱାରା କରାଯାଇଥିବା ଏହି ଆବେଦନ ଗୁଡ଼ିକ, ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟଙ୍କର ଦୁଇଜଣିଆ ବିଚାରପତିଙ୍କ ଖଣ୍ଡପୀଠଙ୍କର ଡିସେମ୍ବର 6, 1995 ରେ ଦିଆଯାଇଥିବା ରାୟରୁ ଉତ୍ପନ୍ନ ହୋଇଛି ।

ସ୍ୱୀକୃତ ସ୍ଥିତି ହେଉଛି ଯେ ଆବେଦନକାରୀ କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ଏବଂ ବିବିଧ ବ୍ୟବସ୍ଥା ଅଧିନିୟମ 1952 (ସଂକ୍ଷେପରେ, 'ଅଧିନିୟମ') ର ବ୍ୟବସ୍ଥାଗୁଡ଼ିକୁ ମାର୍ଚ୍ଚ 6,1982 ତାରିଖର ଅଧିସୂଚନା ଦ୍ୱାରା ଉତ୍ତରଦାତା ଅନୁଷ୍ଠାନକୁ ପ୍ରଦାନ କରିଥିଲେ । ଏହି ଅଧିସୂଚନା ଉପରେ ପ୍ରଶ୍ନ ଉଠାଇବା ପରେ,ଉତ୍ତରଦତାମାନେ ଏହି ନ୍ୟାୟାଳୟରେ ଆଜ୍ଞାଦେଶ ଆବେଦନ ଦାଖଲ କରିଥିଲେ । ଏହି ନ୍ୟାୟାଳୟ ଜାନୁଆରୀ 29,1988 ରେ ରାୟ ପ୍ରଦାନ କରି କହିଥିଲେ ଯେ ଏହି ଅଧିନିୟମ ଶିକ୍ଷାନୁଷ୍ଠାନ ଗୁଡ଼ିକ ପାଇଁ ପ୍ରଯୁଜ୍ୟ ହେବ ଏବଂ ଏଥିପାଇଁ ସେମାନେ ଏହି ଅଧିନିୟମ ଅନୁଯାୟୀ ଜାରି ହୋଇଥିବା ଅଧିସୂଚନା ପାଳନ କରିବା ଆବଶ୍ୟକ । ଏହି ନ୍ୟାୟାଳୟ ଏହାପର ନିର୍ଦ୍ଦେଶ ଦେଇଥିଲେ :

" ବିଦ୍ୱାନ ଓକିଲ ଶ୍ରୀ ଏସ୍. କେ. ବଗ୍ଗା, ଆବେଦନକାରୀଙ୍କ ତରଫରୁ ଉପସ୍ଥିତ ହୋଇଥିଲେ। ଏହି ମାମଲାଗୁଡ଼ିକରେ ଆବେଦନକାରୀଙ୍କ ଯୁକ୍ତିରେ ଆମେ କୌଣସି ଉପାଦାନ ପାଇନାହୁଁ ଯେ କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ଏବଂ ବିବିଧ ବ୍ୟବସ୍ଥା ଅଧିନିୟମ 1952 (ଏହାପରେ 'ଅଧିନିୟମ' ଭାବରେ ସୂଚିତ)ରେ ଏହି ମାମଲାରେ ଆବେଦନକାରୀ ଥିବା ଶିକ୍ଷା ପ୍ରତିଷ୍ଠାନ ଗୁଡ଼ିକ କ୍ଷେତ୍ରରେ କୌଣସି ପ୍ରୟୋଗ ନଥିଲା । ତେଣୁ ଆମେ ଏହି ସମସ୍ତ ମାମଲାକୁ ଖାରଜ କରୁଛୁ।

ଆମେ ନିର୍ଦ୍ଦେଶ ଦେଉଛୁ ଯେ ଆବେଦନକାରୀମାନେ 1.2.1988 ରୁ ଅଧିନିୟମ ଏବଂ ଏହା ଅଧୀନରେ ନିୟମିତ ଭାବେ ପ୍ରସ୍ତୁତ ଯୋଜନାଗୁଡ଼ିକୁ ପାଳନ କରିବେ। ପ୍ରତ୍ୟେକ ଆବେଦନକାରୀଙ୍କୁ 1.3.1982 ଏବଂ 1.2.1988 ମଧ୍ୟରେ ଥିବା ଅବଧି ପାଇଁ ଏହି ଅଧିନିୟମ ଏବଂ ଯୋଜନାଗୁଡ଼ିକ ଅଧୀନରେ ଥିବା ବକେୟା ରାଶିକୁ ଆଞ୍ଚଳିକ ଭବିଷ୍ୟନିଧି ପାଣ୍ଠି ଆୟୁକ୍ତଙ୍କ ଦ୍ୱାରା ମଞ୍ଜୁର କରାଯାଇଥିବା ସମୟ ମଧ୍ୟରେ ପଇଠ କରିବାକୁ ପଡ଼ିବ । ଯଦି ଆବେଦନକାରୀମାନେ ଆଞ୍ଚଳିକ

ଭବିଷ୍ୟନିଧି ପାଣ୍ଠି ଆୟୁକ୍ତଙ୍କ ନିର୍ଦ୍ଦେଶ ଅନୁଯାୟୀ ମାର୍ଚ୍ଚ 1,1982 ଠାରୁ ଫେବୃଆରୀ 1,1988 ପର୍ଯ୍ୟନ୍ତ ଦେୟ ହେବାକୁ ଥିବା ସମସ୍ତ ବକେୟା ରାଶି ପ୍ରଦାନ କରନ୍ତି, ତେବେ ବକେୟା ପଇଠ କରିବାରେ ବିଳମ୍ବ ପାଇଁ ସେ କୌଣସି କ୍ଷତିପୂରଣ ଧାର୍ଯ୍ୟ କରିବେ ନାହିଁ। ଏହି ମାମଲାଗୁଡ଼ିକର ସ୍ୱତନ୍ତ୍ର ତଥ୍ୟକୁ ଧ୍ୟାନରେ ରଖି ଗ୍ରାହକ (କର୍ମଚାରୀ) ବକେୟା ଉପରେ କୌଣସି ସୁଧ ପାଇବାକୁ ହକଦାର ହେବେ ନାହିଁ । ସେହି ଅନୁଯାୟୀ ଆଜ୍ଞାଦେଶ ଆବେଦନର ଫଏସଲା କରାଯାଇଛି । କୌଣସି ଖର୍ଚ୍ଚ ନାହିଁ "।

ଏହି ନ୍ୟାୟାଳୟ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶ ସତ୍ତ୍ୱେ, ଏହି ନ୍ୟାୟାଳୟଙ୍କର ଆଦେଶକୁ ପାଳନ କରିବା ପରିବର୍ତ୍ତେ, ଉତ୍ତରଦାତାମାନେ ବିଶ୍ୱବିଦ୍ୟାଳୟରେ ଅର୍ଥ ଜମା କରିବା ଜାରି ରଖିଥିଲେ । ତେଣୁ, ଉତ୍ତରଦାତାମାନେ ଆଇନର ଅନୁପାଳନ କରିନାହାନ୍ତି । ଫଳସ୍ୱରୂପ ଅଧିନିୟମ ଧାରା 14- B ଅଧୀନରେ କ୍ଷମତା ପ୍ରୟୋଗ କରି ଆବେଦନକାରୀ ଉତ୍ତରଦାତାମାନଙ୍କ ଦ୍ୱାରା ଦେୟ ପରିମାଣର 25 ପ୍ରତିଶତ ହାରରେ କ୍ଷତି ଆଦାୟ କରିଥିଲେ । ପ୍ରତିବାଦୀମାନେ ଆବେଦନକାରୀଙ୍କ ବିରୋଧରେ ଉଚ୍ଚ ନ୍ୟାୟାଳୟରେ ଆଜ୍ଞାଦେଶ ଆବେଦନ ଦାଖଲ କରିଥିଲେ । ଉଚ୍ଚ ନ୍ୟାୟାଳୟ ଏହି ଆକ୍ଷେପିତ ଆଦେଶରେ କହିଛନ୍ତି ଯେ ଆବେଦନକାରୀ ଉତ୍ତରଦାତାମାନଙ୍କ ଠାରୁ କ୍ଷତିପୂରଣ ଅଦାୟ କରିବାକୁ ବାଧିତ ନୁହଁନ୍ତି । ତେଣୁ, ବିଶେଷ ଅନୁମତି ଦ୍ୱାରା ଏହି ଆବେଦନଗୁଡ଼ିକ ।

ଅଧିନିୟମର ଧାରା 14-B ନିମ୍ନରେ ଦିଆଗଲା :

14-B କ୍ଷୟକ୍ଷତି ଭରଣା କରିବାର କ୍ଷମତା । ଯଦି କୌଣସି ନିଯୁକ୍ତିଦାତା, ପାଣ୍ଠି (ପରିବାର ପାଣ୍ଠି କିମ୍ବା ବୀମା ପାଣ୍ଠି) ରେ କୌଣସି ଯୋଗଦାନ ପ୍ରଦାନ କରିବାରେ କିମ୍ବା ଧାରା 17ର ଉପଧାରା (2) ଅନୁଯାୟୀ ତାଙ୍କ ଦ୍ୱାରା ହସ୍ତାନ୍ତର କରାଯିବାକୁ ଥିବା ଏକତ୍ରିକରଣର ହସ୍ତାନ୍ତରରେ କିମ୍ବା ଏହି ଅଧିନିୟମର ଅନ୍ୟ ବ୍ୟବସ୍ଥା ଅନୁଯାୟୀ କିମ୍ବା କୌଣସି ଯୋଜନା କିମ୍ବା ବୀମା ଯୋଜନା କିମ୍ବା ଧାରା 17 ଅନୁଯାୟୀ ନିର୍ଦ୍ଦିଷ୍ଟ କୌଣସି ସର୍ତ୍ତାବଳୀ ମଧ୍ୟରୁ କୌଣସି ଶୁଳ୍କ ପ୍ରଦାନ କରିବାରେ ଖିଲାପ କରନ୍ତି, ତେବେ କେନ୍ଦ୍ରୀୟ ଭବିଷ୍ୟନିଧି ପାଣ୍ଠି ଆୟୁକ୍ତ କିମ୍ବା କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରାଧିକୃତ 'ଅନ୍ୟ' କୌଣସି ଅଧିକାରୀ ଏହି ଉଦ୍ଦେଶ୍ୟରେ ସରକାରୀ ରାଜପତ୍ରରେ ଏକ ଅଧିସୂଚନା ଜାରି କରି, ଜୋରିମାନା ଆକାରରେ, ନିଯୁକ୍ତିଦାତାଙ୍କଠାରୁ ଏପରି କ୍ଷତି ଭରଣା କରିପାରିବେ, ଯାହା ଯୋଜନାରେ ନିର୍ଦ୍ଦିଷ୍ଟ ହୋଇଥିବା ବକେୟା ପରିମାଣ ଠାରୁ ଅଧିକ ହୋଇନଥିବ ।

ଉଲ୍ଲେଖଥାଉକି, ଏପରି କ୍ଷତିପୂରଣ ଲାଗୁ ଏବଂ ଆଦାୟ କରିବା ପୂର୍ବରୁ, ନିଯୁକ୍ତିଦାତାଙ୍କୁ ଶୁଣାଣିର ଏକ ଯୁକ୍ତିଯୁକ୍ତ ସୁଯୋଗ ଦିଆଯିବ:

ଆହୁରି ଉଲ୍ଲେଖଥାଉ ଯେ, କେନ୍ଦ୍ରୀୟ ବୋର୍ଡ ଏକ ରୁଗ୍ଣ ଶିଳ୍ପ କମ୍ପାନୀ ଏବଂ ଯାହାର ପୁନର୍ବାସ ପାଇଁ ରୁଗ୍ଣ ଶିଳ୍ପ କମ୍ପାନୀ (ସ୍ୱତନ୍ତ୍ର ବ୍ୟବସ୍ଥା) ଅଧିନିୟମ 1985 ର ଧାରା 4 ଅନୁଯାୟୀ ଶିଳ୍ପ ଏବଂ ଆର୍ଥିକ ପୁନଃନିର୍ମାଣ ବୋର୍ଡ ଦ୍ୱାରା ଏକ ଯୋଜନା ମଞ୍ଜୁର କରାଯାଇଛି, ସେହି ପ୍ରତିଷ୍ଠାନ ସମ୍ବନ୍ଧରେ ଏହି ଧାରା ଅଧୀନରେ ଆଦାୟ କରାଯାଇଥିବା କ୍ଷତିକୁ ଯୋଜନାରେ ନିର୍ଦ୍ଦିଷ୍ଟ ହୋଇଥିବା ନିୟମ ଓ ସର୍ତ୍ତାବଳୀ ଅଧୀନରେ ହ୍ରାସ କିମ୍ବା ଛାଡ କରାଯାଇପାରିବ ।

ଉତ୍ତରଦାତାଙ୍କ ଓକିଲ ଶ୍ରୀ ରଣଧୀର ଜୈନ ଯୁକ୍ତି ବାଢ଼ିଛନ୍ତି ଯେ ଏହି ନ୍ୟାୟାଳୟଙ୍କର ରାୟ ପରେ, ଉତ୍ତରଦାତାମାନେ ଅର୍ଥ ଉଠାଣ ପାଇଁ ବିଶ୍ୱବିଦ୍ୟାଳୟକୁ ଅନୁମତି ପାଇଁ ଆବେଦନ କରିଛନ୍ତି । ଜୁନ୍ 7,1990 ରେ ବିଶ୍ୱବିଦ୍ୟାଳୟ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶ ପାଇବା ପରେ, ସେମାନେ ଏହି ରାଶିକୁ 6, 40, 122.70 ଟଙ୍କା ସହିତ ଅନ୍ୟାନ୍ୟ ଶୁଳ୍କ ବବାଦକୁ 58, 736.70 ପୁନଃ ଜମା କରିଥିଲେ । ଉତ୍ତରଦାତାମାନେ ଅର୍ଥ ଜମା କରିବାରେ କୌଣସି ଇଚ୍ଛାକୃତ ବିଳମ୍ବ କରିନଥିଲେ ଏବଂ ତେଣୁ, ଅଧିନିୟମ 14-B ଅନୁଯାୟୀ କ୍ଷତିପୂରଣ ଆଦାୟ ନକରିବାକୁ ନିର୍ଦ୍ଦେଶ ଦେବାରେ ଉଚ୍ଚ ନ୍ୟାୟାଳୟ ସଠିକ୍ ଥିଲେ । 1994 ମସିହା ଅକ୍ଟୋବର 26 ତାରିଖର ଉତ୍ତର ପତ୍ରର ଅନୁଚ୍ଛେଦ 6ରେ ସେମାନଙ୍କ ଦ୍ୱାରା ସ୍ୱୀକାର କରାଯାଇଥିବା ତଥ୍ୟକୁ ଦୃଷ୍ଟିରେ ରଖି 1988 ମସିହା ଫେବୃଆରୀ ମାସରୁ 1990 ମସିହା ମେ ମାସ ପର୍ଯ୍ୟନ୍ତ ଜି. ପି. ଏଫ ପଇଠ କରିବାରେ ବିଫଳ ହୋଇଥିବା କାରଣ ଗୁଡିକ ପାଇଁ ଉତ୍ତରଦାତାମାନେ ସୁଧ ଦେବାକୁ ଉତ୍ତରଦାୟୀ ନୁହନ୍ତି ବୋଲି ଦର୍ଶାଇ 1996 ମସିହା ଜୁଲାଇ ମାସ 10 ତାରିଖରେ ଏହି ନ୍ୟାୟାଳୟ ବିଜ୍ଞପ୍ତି ଜାରି କରିଥିଲେ ।

ବର୍ତ୍ତମାନ, ଉତ୍ତରଦାତାମାନଙ୍କ ତରଫରୁ ଏକ ସତ୍ୟପାଠ ଦାଖଲ କରାଯାଇଛି ଯେଉଁଥିରେ କୁହାଯାଇଛି ଯେ ସେମାନେ ଏହି ରାଶି ବିଶ୍ୱବିଦ୍ୟାଳୟରେ ଜମା କରିଛନ୍ତି ଏବଂ ଏହି ପରିମାଣକୁ 11 ପ୍ରତିଶତ ସୁଧ ଅର୍ଜନ କରୁଥିବା ସ୍ଥାୟୀ ଜମା ରାଶିରେ ରଖାଯାଇଛି; ଯେହେତୁ ଏହି ପରିମାଣକୁ ପୁନଃ ଜମା କରିବା ପାଇଁ ଦିଆଯାଇଥିବା ନିର୍ଦ୍ଦେଶକୁ ପାଳନ କରିବାକୁ ଆଦେଶ ଜାରି କରାଯାଇଥିଲା, ତେଣୁ ଅପରିପକ୍ୱ ଉଠାଣ ପାଇଁ ସେମାନେ ଏହାକୁ 9 ପ୍ରତିଶତ ସୁଧ ସହିତ ଫେରାଇ ଦେଇଥିଲେ ଏବଂ ତାହା ଜମା କରାଯାଇଥିଲା ଏବଂ ତେଣୁ, ସେମାନେ ଆଜ୍ଞାଦେଶ ଆବେଦନରେ ପ୍ରଦାନ କରାଯାଇଥିବା ଆକ୍ଷେପିତ ଆଦେଶ ଅନୁଯାୟୀ ଆଞ୍ଚଳିକ ଭବିଷ୍ୟନିଧି ପାଣ୍ଠି ଆୟୁକ୍ତଙ୍କ ଦ୍ୱାରା

ନିର୍ଦ୍ଧାରିତ କ୍ଷତି ଭରଣା କରିବାକୁ ଉତ୍ତରଦାୟୀ ନୁହଁନ୍ତି । ବିବାଦକୁ ଦୃଷ୍ଟିରେ ରଖି, ବିଚାର ପାଇଁ ଉଠୁଥିବା ପ୍ରଶ୍ନ ହେଉଛି:ଆବେଦନକାରୀ କ୍ଷତିପୂରଣ ଅସୁଲର ହକଦାର କି?

ଅଧିନିୟମ 14- B ଏକ ପଠନ ଦର୍ଶାଏ ଯେ ନିଯୁକ୍ତିଦାତା ଏହି ନିୟମ ଅନୁଯାୟୀ ଅର୍ଥ ପ୍ରଦାନର ଅନୁପାଳନ କରିବା ପାଇଁ ବାଧ । ପାଣ୍ଠିରେ ଯୋଗଦାନର ପଇଠ କରିବାରେ କିମ୍ବା ଅଧିନିୟମର ଅନ୍ୟ କୌଣସି ବ୍ୟବସ୍ଥା କିମ୍ବା କୌଣସି ଯୋଜନା କିମ୍ବା ବୀମା ଯୋଜନା କିମ୍ବା ଧାରା 17 ରେ ନିର୍ଦ୍ଦିଷ୍ଟ ହୋଇଥିବା କୌଣସି ସର୍ତ୍ତାବଳୀ ଅନୁଯାୟୀ ଦେୟଯୋଗ୍ୟ କୌଣସି ଶୁଳ୍କ ପ୍ରଦାନ କରିବାରେ ସେ ଖିଲାପ କଲେ, କେନ୍ଦ୍ରୀୟ ଭବିଷ୍ୟନିଧି ପାଣ୍ଠି ଆୟୁକ୍ତ କିମ୍ବା କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରାଧିକୃତ ଅନ୍ୟ ଅଧିକାରୀ, ଏହି ଉଦ୍ଦେଶ୍ୟରେ ସରକାରୀ ରାଜପତ୍ରରେ ଅଧିସୂଚନା ଦ୍ୱାରା, ନିଯୁକ୍ତିଦାତାଙ୍କଠାରୁ ଜୋରିମାନା ଆକାରରେ ବକେୟା ରାଶି ଅଦାୟ କରିପାରିବେ, ଏବଂ ଏହିପରି କ୍ଷତି ଯୋଜନାରେ ନିର୍ଦ୍ଦିଷ୍ଟ ହୋଇଥିବା ବକେୟା ରାଶି ପରିମାଣରୁ ଅଧିକ ହେବନହିଁ । ଦ୍ୱିତୀୟ ବ୍ୟବସ୍ଥା କେବଳ ଶିଳ୍ପ ପ୍ରତିଷ୍ଠାନଟି ରୁଗ୍ଣ ହେବା ପରିପ୍ରେକ୍ଷିରେ ପ୍ରତିବନ୍ଧକକୁ ଉଠାଇଥାଏ ଏବଂ ଏହା ରୁଗ୍ଣ ଶିଳ୍ପ କମ୍ପାନୀ (ସ୍ୱତନ୍ତ୍ର ବ୍ୟବସ୍ଥା) ଅଧିନିୟମ 1985 ର ଧାରା 4 ର ବ୍ୟବସ୍ଥା ଅନୁଯାୟୀ ଏହାର ପୁନର୍ଗଠନ କରାଯାଇଥିବ ଯାହା ପୁନର୍ବାସ ଯୋଜନାରେ ନିର୍ଦ୍ଦିଷ୍ଟ ହୋଇଥିବା ନିୟମ ଏବଂ ସର୍ତ୍ତାବଳୀ ଅଧୀନରେ ହୋଇଥିବ । ଅନ୍ୟ ଅର୍ଥରେ, ଏହି ଅଧିନିୟମରେ ବିଳମ୍ବରେ ଦେୟ ରାଶି ପ୍ରଦାନ ପାଇଁ କ୍ଷତିପୂରଣ ଲାଗୁ କରିବାର ପରିକଳ୍ପନା କରାଯାଇଛି । ଏହି ଆଇନ ପ୍ରଣୟନ କର୍ମଚାରୀମାନଙ୍କୁ ସ୍ୱାସ୍ଥ୍ୟ ଏବଂ ଅନ୍ୟାନ୍ୟ ସୁବିଧା ସୁନିଶ୍ଚିତ କରିବା ପାଇଁ ଏକ ଲାଭଦାୟକ କଲ୍ୟାଣକାରୀ ଆଇନ ପ୍ରଣୟନ । ଏହି ଅଧିନିୟମ ଅନୁଯାୟୀ ନିଯୁକ୍ତିଦାତା କର୍ମଚାରୀଙ୍କ ଦରମା ଏବଂ ମେଳ ଖାଉଥିବା ଯୋଗଦାନରୁ ନିର୍ଦ୍ଦିଷ୍ଟ ପ୍ରତିଶତ କାଟିବା ପାଇଁ ଏକ ବୈଧାନିକ ବାଧ୍ୟତା ଅଧୀନରେ ଅଛନ୍ତି, ପ୍ରତ୍ୟେକ ମାସରେ ସଂଗ୍ରହ ତାରିଖ ପରେ, 15 ଦିନ ମଧ୍ୟରେ ସମ୍ପୂର୍ଣ୍ଣ ରାଶି ପାଣ୍ଠିରେ ଜମା କରିବାକୁ ପଡିବ ।

ଏହାଦ୍ୱାରା ନିଯୁକ୍ତିଦାତା ପ୍ରତି ମାସରେ ପାଣ୍ଠି ଖାତାରେ ରାଶି ଜମା କରିବାକୁ ଏକ ବୈଧାନିକ ବାଧ୍ୟତା ଅଧୀନରେ ଅଛନ୍ତି । ସେହି ଉଦ୍ଦେଶ୍ୟରେ କୌଣସି ତ୍ରୁଟି ଘଟିଲେ, ଧାରା 14- B ଅଧୀନରେ ପଦକ୍ଷେପ ନେଇ ନିଯୁକ୍ତିଦାତାଙ୍କୁ ଜୋରିମାନା ମାଧ୍ୟମରେ ବକେୟା ପ୍ରଦାନ କରିବାକୁ ଆହ୍ୱାନ କରେ, ଯାହାର ସର୍ବାଧିକ ଭାବେ ଏକୀକୃତ ବକେୟା ହେବ । ଆଞ୍ଚଳିକ ଭବିଷ୍ୟନିଧି ପାଣ୍ଠି ଆୟୁକ୍ତଙ୍କୁ କେବଳ କ୍ଷତିର ଏକ ପ୍ରତିଶତ ହ୍ରାସ କରିବାର ସ୍ୱାଧୀନତା ଦିଆଯାଇଛି ଏବଂ ତାଙ୍କର ସମ୍ପୂର୍ଣ୍ଣ ଭାବେ ଛାଡ଼ କରିବାର କୌଣସି କ୍ଷମତା ନାହିଁ । ଏହି ମାମଲାରେ, ସ୍ୱୀକାରଯୋଗ୍ୟ ଯେ,

ରାୟ ପ୍ରଦାନ ପରେ, ଉତ୍ତରଦାତାଙ୍କ ନିକଟରେ ବିଶ୍ୱବିଦ୍ୟାଳୟରେ ରାଶି ଜମା କରିବାର କୌଣସି କାରଣ ନଥିଲା । ଆମେ ବୁଝି ପାରୁଛୁ ଯେ, ଯେହେତୁ ବିଶ୍ୱବିଦ୍ୟାଳୟ ଦ୍ୱାରା ଏକ ଯୋଜନା ପ୍ରସ୍ତୁତ କରାଯାଇଥିଲା ଏବଂ ଉତ୍ତରଦାତା ଏହି ଯୋଜନାକୁ ପାଳନ କରିବାକୁ ବାଧ୍ୟ ଥିଲେ, ସେମାନେ ବିଶ୍ୱବିଦ୍ୟାଳୟ ଦ୍ୱାରା ପ୍ରସ୍ତୁତ ଯୋଜନା ଦ୍ୱାରା କିମ୍ବା ଅଧିନିୟମ ଅନୁଯାୟୀ ପାଳନ କରିବା ଉଚିତ କି ନାହିଁ ସେ ବିଷୟରେ ସନ୍ଦେହ ଅନୁଭବ କରିପାରନ୍ତି । ଯେହେତୁ ସେମାନେ ଏହି ନ୍ୟାୟାଳୟରେ ଆଜ୍ଞାଦେଶ ଆବେଦନ ଦାଖଲ କରିଥିଲେ, ଏହି ନ୍ୟାୟାଳୟ 29, ଜାନୁଆରୀ, 1988 ରେ ଉତ୍ତରଦାତାମାନଙ୍କୁ ଆବେଦନକାରୀଙ୍କ ନିକଟରେ ରାଶି ଜମା କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହା ଦ୍ୱାରା 1988 ମସିହା ଫେବୃଆରୀ ମାସଠାରୁ ଏହି ଅର୍ଥରାଶି ଜମା କରିବା ଉତ୍ତରଦାତାଙ୍କ ବୈଧାନିକ ବାଧ୍ୟତା ଅଟେ । ତେଣୁ, ଏହି ନ୍ୟାୟାଳୟର ରାୟ ପ୍ରଦାନ ପରେ ବିଶ୍ୱବିଦ୍ୟାଳୟ ଖାତାରେ ରାଶି ଜମା କରିବା ଏବଂ ଜମା ଜାରି ରଖିବାର କୌଣସି ଯଥାର୍ଥତା ନଥିଲା । କେବଳ ଏହି ସତ୍ୟ ଯେ ବିଶ୍ୱବିଦ୍ୟାଳୟ ଆବେଦନକାରୀଙ୍କ ନିକଟରେ ଏହି ଅର୍ଥରାଶି ପୁନଃ ଜମା କରିବା ପାଇଁ ଅନୁମତି ଦେଇଛି, ତାହା ପାଣ୍ଠିରେ ଅର୍ଥରାଶି ଜମା ନକରିବା କାରଣରୁ ଉତ୍ତରଦାତାମାନଙ୍କୁ ଏହା ଅଧୀନରେ ଆଶ୍ରୟ ନେବାକୁ ସମର୍ଥ କରେ ନାହିଁ ।

ଏହି ପରିସ୍ଥିତିରେ, ଆମେ ଭାବୁନାହୁଁ ଯେ ଆଞ୍ଚଳିକ ଭବିଷ୍ୟନିଧି ପାଣ୍ଠି ଆୟୁକ୍ତଙ୍କ ଦ୍ୱାରା ଲାଗୁ କରାଯାଇଥିବା ଜୋରିମାନା ଛାଡ଼ ପାଇଁ ବିବାଦରେ କୌଣସି ଯଥାର୍ଥତା ଅଛି । ପୂର୍ବରୁ ଯେପରି କୁହାଯାଇଥିଲା, ଜୋରିମାନା ସମ୍ପୂର୍ଣ୍ଣ ଭାବେ ଛାଡ଼ କରିବା ପାଇଁ ଆୟୁକ୍ତଙ୍କ ଉପରେ କୌଣସି ଅଧିକାର ଦିଆଯାଇନାହିଁ । ତାଙ୍କ ବିଚାର ଉପରେ ଯାହା ଛାଡ଼ି ଦିଆଯାଇଥିଲା ତାହା ହେଉଛି କେଉଁ ହାରରେ ଏହି ଜୋରିମାନା ଗଣନା କରାଯିବ । ଏହା ମାମଲାରେ, ସ୍ୱୀକାରଯୋଗ୍ୟ, କ୍ଷତିପୂରଣର 25 ପ୍ରତିଶତ ଜୋରିମାନା ଭାବରେ ଗଣନା କରାଯାଇଥିଲା । ଯେହେତୁ ଉତ୍ତରଦାତା ସ୍ଥାୟୀ ଜମା ରାଶିରେ ରାଶି ଜମା କରିଥିଲେ ଏବଂ ଏହା ଉପରେ 9 ପ୍ରତିଶତ ସୁଧ ଅର୍ଜନ କରିଥିଲେ, ତେଣୁ ବଳକା ରାଶି ଜମା କରିବା ଆବଶ୍ୟକ ଏବଂ ଉତ୍ତରଦାତାଙ୍କୁ ଆଜିଠାରୁ ଛଅ ସପ୍ତାହ ମଧ୍ୟରେ ବଳକା ରାଶି ଜମା କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

ତଦନୁସାରେ ଆବେଦନ ଗୁଡ଼ିକୁ ଅନୁମତି ଦିଆଯାଇଛି । ଆଜ୍ଞାଦେଶ ଆବେଦନକୁ ଖାରଜ କରାଯାଇଇଛି । କୌଣସି ଖର୍ଚ୍ଚ ରହିବ ନାହିଁ ।

G.N. ଆବେଦନ ଗୁଡିକୁ ଅନୁମତି ପ୍ରଦାନ କରାଗଲା ।

## ଅସ୍ୱୀକରଣ

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଭାଷାନ୍ତର :
ମଦନ ମୋହନ ଭୂୟାଁ
ଅନୁବାଦକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।